**ସୁବ୍ରାନ୍ ଏବଂ ଅନ୍ୟମାନେ**

**ବନାମ**

**କେରଳ ରାଜ୍ୟ**

**ଅଗଷ୍ଟ 5, 1993**

**[ପ୍ରଧାନ ନ୍ୟାୟାଧୀଶ ଏମ୍.ଏନ୍. ଭେଙ୍କଟଚଲିଆଃ, ବି.ପି. ଜୀବନ୍ ରେଡ୍ଡୀ ଏବଂ ଏ.ଏସ୍. ଆନନ୍ଦ, ନ୍ୟାୟମୂର୍ତ୍ତିବୃନ୍ଦ]**

*ଭାରତୀୟ ସମ୍ବିଧାନ, 1950: - ଅନୁଚ୍ଛେଦ 137/ସର୍ବୋଚ୍ଚ ନ୍ୟାୟାଳୟ ନିୟମାବଳୀ - ଆଦେଶ XI: ପୁନର୍ବିଚାର ରାୟ - ଏହାର ସ୍ପଷ୍ଟୀକରଣ ।*

**ଏହି ନ୍ୟାୟାଳୟ ଏହାର ରାୟ* ଦ୍ୱାରା ଫୌଜଦାରୀ ଆବେଦନ ସଂଖ୍ୟା 237/1993 ର ନିଷ୍ପତ୍ତି ନେଇଥିଲେ । ଉକ୍ତ ରାୟର ପୁନର୍ବିଚାର କରିବା ପରେ, ନ୍ୟାୟାଳୟ ଅନୁଭବ କରିଥିଲେ ଯେ ଏହାର ଅନୁଚ୍ଛେଦ 11 ରେ ଦିଆଯାଇଥିବା ପର୍ଯ୍ୟବେକ୍ଷଣର ବ୍ୟାଖ୍ୟା ତ୍ରୁଟିପୂର୍ଣ୍ଣ ଭାବେ କରାଯାଇପାରିବାର ସମ୍ଭାବନା ଥିଲା ।**

**ଏହି ରାୟର ଅନୁଚ୍ଛେଦ 11 କୁ ପ୍ରତିସ୍ଥାପିତ କରି, ଏହି ନ୍ୟାୟାଳୟ ରାୟ ଦେଇଥିଲେ ଯେ:**

**ଏହି ରାୟର ଅନୁଚ୍ଛେଦ 11 ରେ ପ୍ରକାଶିତ ମତକୁ କେବଳ ମାମଲାର ସ୍ୱତନ୍ତ୍ର ତଥ୍ୟ ମଧ୍ୟରେ ସୀମିତ ରଖିବା ଆବଶ୍ୟକ ଥିଲା ଏବଂ ଏହା ଆଇନର କୌଣସି ସାଧାରଣ ବ୍ୟାଖ୍ୟା ନଥିଲା । [512-G-H; 513-A]**

** ସୁବ୍ରାନ୍ ଏବଂ ଅନ୍ୟମାନେ ବନାମ କେରଳ ରାଜ୍ୟ,* **[1993] 3 SCC 32 ।**

ଫୌଜଦାରୀ ଅପିଲୀୟ କ୍ଷେତ୍ରାଧିକାର:

ଫୌଜଦାରୀ ଆବେଦନ ସଂଖ୍ୟା 237/1993

ରେ

ପୁନର୍ବିଚାର ଆବେଦନ ସଂଖ୍ୟା 1394/1993 ।

ଫୌଜଦାରୀ ଅପିଲ ସଂଖ୍ୟା 537/88 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ 4.9.91 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ସୁବ୍ରାନ୍ ବନାମ କେରଳ ରାଜ୍ୟ

ଆବେଦନକାରୀମାନଙ୍କ ତରଫରୁ ସୁଧୀର ଗୋପୀ, ରୟ ଇବ୍ରାହିମ୍ ଏବଂ ଏମ୍.ଏମ୍. କାଶ୍ୟପ ।

ଉତ୍ତରଦାତାଙ୍କ ତରଫରୁ ଏମ୍.ଟି. ଜର୍ଜ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ରାୟର ପୁନର୍ବିଚାର କରିବା ସମୟରେ ଆମେ ଦେଖିବାକୁ ପାଇଲୁ ଯେ, 1993 (3) SCC ପୃଷ୍ଠା-32 ରେ ପ୍ରକାଶିତ ରାୟର ଅନୁଚ୍ଛେଦ 11 ସହିତ ସମ୍ପୃକ୍ତ ପୃଷ୍ଠା 10 ରୁ 12 (ଆଭ୍ୟନ୍ତରୀଣ) ରେ ପ୍ରକାଶିତ ମତର ତ୍ରୁଟିପୂର୍ଣ୍ଣ ଭାବେ ବ୍ୟାଖ୍ୟା କରାଯିବାର ସମ୍ଭାବନା ରହିଛି ।

ସେଥିରେ ପ୍ରକାଶିତ ମତକୁ ମାମଲାର ସ୍ୱତନ୍ତ୍ର ତଥ୍ୟ ମଧ୍ୟରେ ସୀମିତ ରଖିବା ଆବଶ୍ୟକ ଥିଲା, କିନ୍ତୁ ଏହା ଏପରି ଏକ ଧାରଣା ଦେଉଛି ଯେପରି ଏହା ଆଇନର ଏକ ସାଧାରଣ ବ୍ୟାଖ୍ୟା, ଯାହାକି ଏହାର ଉଦ୍ଦେଶ୍ୟ ନଥିଲା । ତେଣୁ, ଆମେ "ଯେହେତୁ ଅପିଲକାରୀ 1 ସୁବ୍ରାନ୍...... ଚାରିଜଣ ଅପିଲକାରୀଙ୍କ ଦ୍ୱାରା ଘଟିଥିଲା?" ଲେଖାଥିବା ଅନୁଚ୍ଛେଦ (ପୃଷ୍ଠା 10 ରୁ 12) କୁ ନିମ୍ନଲିଖିତ ଦ୍ୱାରା ପ୍ରତିସ୍ଥାପିତ କରୁଛୁ:

> "ଅପିଲକାରୀ ସଂଖ୍ୟା 1, ସୁବ୍ରାନଙ୍କ ବିରୁଦ୍ଧରେ ଆଇପିସି ଧାରା 302 ଅଧୀନରେ ହତ୍ୟାର ମୂଳ ଅପରାଧ ପାଇଁ ସଠିକ ଭାବେ ଅଭିଯୁକ୍ତ ହୋଇନଥିଲେ । ଅପିଲକାରୀ ସଂଖ୍ୟା 1, ସୁବ୍ରାନଙ୍କ ଦ୍ୱାରା ମାରାତ୍ମକ ଆଘାତ ଦିଆଯାଇଥିବା କୁହାଯାଇ ନଥିଲା କିମ୍ବା ତାଙ୍କୁ ମାରାତ୍ମକ ଆଘାତ ଦେଇଥିବା ବ୍ୟକ୍ତି ଭାବେ ଚିହ୍ନଟ କରାଯାଇ ନଥିଲା । ଡାକ୍ତରୀ ସାକ୍ଷ୍ୟ ପ୍ରମାଣ ଅନୁଯାୟୀ, ଅପିଲକାରୀ-ସୁବ୍ରାନଙ୍କ ଦ୍ୱାରା ଦିଆଯାଇଥିବା ବୋଲି କୁହାଯାଉଥିବା କୌଣସି ବି ଆଘାତ, ବ୍ୟକ୍ତିଗତ ଭାବେ କିମ୍ବା ସେହି ସମୟରେ ଦିଆଯାଇଥିବା ଅନ୍ୟାନ୍ୟ ଆଘାତ ସହିତ ସାମୂହିକ ଭାବେ, ପ୍ରକୃତିର ସାଧାରଣ କ୍ରମରେ ସୁକୁର ମୃତ୍ୟୁ ଘଟାଇବା ପାଇଁ ଯଥେଷ୍ଟ ନଥିଲା । ସୁକୁର ମୃତ୍ୟୁ ଘଟାଇବା *ଉଦ୍ଦେଶ୍ୟରେ* ସୁବ୍ରାନ କଟୁରୀ ସାହାଯ୍ୟରେ ଆଘାତ କରିଥିଲେ ବୋଲି ନଥିପତ୍ରରେ କୌଣସି ପ୍ରମାଣ ନାହିଁ । ଏହି ପରିସ୍ଥିତିରେ ସରଳ ଭାବରେ କହିବାକୁ ଗଲେ, ଆଇପିସି ଧାରା 302 ଅଧୀନରେ ଅପରାଧ ପାଇଁ ପ୍ରଥମ ଅପିଲକାରୀ ସୁବ୍ରାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ନା ବାଞ୍ଛନୀୟ ଥିଲା ନା ଉପଯୁକ୍ତ । ଏହା ପ୍ରତୀୟମାନ ହେଉଛି ଯେ, ଉଚ୍ଚ ନ୍ୟାୟାଳୟ

ଆଇପିସି ଧାରା 300 ର ଖଣ୍ଡ (3) ର ପରିସରକୁ ସଠିକ ପରିପ୍ରେକ୍ଷୀରେ ବିଚାର କରିବାରେ ବିଫଳ ହୋଇଥିଲେ । ବର୍ତ୍ତମାନର ମାମଲାର ତଥ୍ୟ ଅନୁଯାୟୀ, ମୃତ ସୁକୁକୁ ହତ୍ୟା କରିବାର *ଉଦ୍ଦେଶ୍ୟ* ଉକ୍ତ ଅପିଲକାରୀଙ୍କ ଉପରେ ଆରୋପ କରାଯାଇପାରିବ ନାହିଁ, କାରଣ ଡାକ୍ତରୀ ସାକ୍ଷ୍ୟ ପ୍ରମାଣ ମଧ୍ୟ ନିଶ୍ଚିତ ଭାବେ ଦର୍ଶାଉଛି ଯେ ତାଙ୍କ ଦ୍ୱାରା ଦିଆଯାଇଥିବା ଆଘାତଗୁଡ଼ିକ ପ୍ରକୃତିର ସାଧାରଣ କ୍ରମରେ ମୃତକଙ୍କ ମୃତ୍ୟୁ ଘଟାଇବା ପାଇଁ ଯଥେଷ୍ଟ ନଥିଲା । ତେଣୁ, ଅପିଲକାରୀ ସଂଖ୍ୟା 1 ସୁବ୍ରାନଙ୍କୁ ଆଇପିସି ଧାରା 302 ଅଧୀନରେ ମୂଳ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇ ପାରିନଥାନ୍ତା ଏବଂ ଉକ୍ତ ଅପରାଧ ପାଇଁ ତାଙ୍କର ଦଣ୍ଡାଦେଶକୁ ବଜାୟ ରଖାଯାଇପାରିବ ନାହିଁ । ଚାରିଜଣ ଯାକ ଅପିଲକାରୀଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ଆଘାତର ସାମୂହିକ ପ୍ରଭାବ ଫଳରେ ସୁକୁଙ୍କ ମୃତ୍ୟୁ ଘଟିଛି ବୋଲି ନଥିପତ୍ରରେ ସ୍ଥାପିତ ହୋଇଛି । ଅତଏବ, ପ୍ରଶ୍ନ ଉଠୁଛି ଯେ ଚାରିଜଣ ଯାକ ଅପିଲକାରୀ କେଉଁ ଅପରାଧ କରିଥିଲେ?"

ତଦନୁଯାୟୀ ରାୟର ପୁନର୍ବିଚାର କରାଗଲା ଏବଂ ଏହି ରାୟରେ ଉପରୋକ୍ତ ପ୍ରତିସ୍ଥାପନକୁ କାର୍ଯ୍ୟକାରୀ କରାଗଲା ।

ଆର୍. ପି. ପୁନର୍ବିଚାର ଆବେଦନର ପୁନର୍ବିଚାର କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**